# Art of Giving

A Philosophy of Life to spread & Happiness

**Estd. May 2013**

17th May | International Art of Giving day

www.artofgiving.in.net

# ୧୦ମ 'ଆର୍ଟ ଅଫ୍ ଗିଭିଂ' ସମାରୋହ ୨୦୨୩

ତାରିଖ: ୧୭।୫।୨୦୨୩

## ଜିଲ୍ଲାସ୍ତରୀୟ ମାର୍ଗଦର୍ଶିକା

- ଏହା ଦ୍ୱାରା ଆର୍ଟ ଅଫ୍ ଗିଭିଂର ସମସ୍ତ ଜିଲ୍ଲାସ୍ତରୀୟ ସଂଯୋଜକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପରାମର୍ଶ କ୍ରମେ ଆର୍ଟ ଅଫ୍ ଗିଭିଂ ସେକ୍ରେଟାରିଏଟ୍ ପକ୍ଷରୁ ଆସନ୍ତା ୧୭ ତାରିଖରେ ୧୦ମ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ନିମନ୍ତେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଏହି ମାର୍ଗଦର୍ଶିକା ଅନୁସାରେ କିଟ୍‌ର ସଂଯୋଜକ, କିସ୍‌ର ଜିଲ୍ଲା ସଂଯୋଜକ ଓ କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧିମାନେ ମିଳିତ ଭାବେ କାର୍ଯ୍ୟ ସମାପନ କରିବେ।
- ଆସନ୍ତା ମେ ୧୭ ତାରିଖ ସଂଧ୍ୟାରେ 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଜିଲ୍ଲା ସଦର ମହକୁମାଠାରେ ଏକ ପ୍ରେକ୍ଷାଳୟ ଅଗ୍ରୀମ ବୁକିଂ କରାଯିବ।
- ସଂଧ୍ୟା ୬ଟାରେ ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଏକସଙ୍ଗେ ଅନୁଷ୍ଠିତ ହେବ।
- କାର୍ଯ୍ୟକ୍ରମର ଅବଧି ସର୍ବାଧିକ ୧ ଘଣ୍ଟାରୁ ୧ ଘଣ୍ଟା ୩୦ ମିନିଟ୍ ରହିବ।
- ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସଂଯୋଜକମାନେ ସ୍ଥାନୀୟ ଅଞ୍ଚଳର ୩/୪ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିବେ।
- ସଭା ଯେଉଁଳି ବେଶ ଭଲ ଭାବେ ଆୟୋଜନ ହୋଇପାରିବ ସେଥିପାଇଁ ଅତି ସୁନ୍ଦର ଭାବେ ବନ୍ଦୋବସ୍ତ କରାଯିବ।
- ଯେଉଁ ପ୍ରେକ୍ଷାଳୟରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ ସେଠାରେ ଅତିଥି ଓ ଅଂଶଗ୍ରହଣକାରୀଙ୍କ ପାଇଁ ଚା, ଜଳଖିଆ ଓ ପାଣିର ବ୍ୟବସ୍ଥା କରାଯିବ।
- କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଜିଲ୍ଲା ସଂଯୋଜକମାନେ ସଂପୃକ୍ତ ଜିଲ୍ଲାର ୫୦ ଜଣ ଆଶାକର୍ମୀ + ଅଙ୍ଗନବାଡ଼ି କର୍ମୀ, ୨୦ଜଣ ଅଟୋ ରିକ୍‌ସା ଚାଳକ, ୨୦ ଜଣ ଭିକାରୀ, ୨୦ ଜଣ ଟ୍ରାଫିକ୍ ପୋଲିସ୍, ୨୦ ଜଣ ଆମ୍ବୁଲାନ୍‌ସ ଚାଳକ ଓ ୨୦ ଜଣ ସଫେଇ କର୍ମଚାରୀଙ୍କୁ ନିମନ୍ତ୍ରଣ କରିବେ।
- ପ୍ରତ୍ୟେକ ସଂଯୋଜକଙ୍କୁ ଆର୍ଟ ଅଫ୍ ଗିଭିଂ ସେକ୍ରେଟାରିଏଟ୍ ପକ୍ଷରୁ ଏକ ପ୍ରଚାର ପତ୍ର ପ୍ରଦାନ କରାଯିବ। ସଂଯୋଜକମାନଙ୍କୁ ଦିଆଯାଇଥିବା କାର୍ଯ୍ୟସୂଚୀ ଅନୁସାରେ ସେମାନେ କାର୍ଯ୍ୟକ୍ରମର ସ୍ୱାଗତ ଭାଷଣ ପରେ ପରେ ଆର୍ଟ ଅଫ୍ ଗିଭିଂ ସମ୍ପର୍କିତ ପ୍ରଚାରପତ୍ର (ଲିଫ୍‌ଲେଟ୍)ଟିକୁ ପଢ଼ିବେ। ପ୍ରଚାରପତ୍ର ପାଠ ସମୟରେ ଅତିଥିମାନେ ଉପରୋକ୍ତ ସମସ୍ତ ବର୍ଗର ଲୋକଙ୍କୁ ପ୍ୟାକେଟ ବଣ୍ଟନ କରିବେ।
- ସଂଯୋଜକମାନେ ଜିଲ୍ଲାର ଯେଉଁ ସ୍ଥାନରେ ଆର୍ଟ ଅଫ୍ ଗିଭିଂ କାର୍ଯ୍ୟକ୍ରମ ଆୟୋଜନ କରିବେ, ସେମାନେ ସେହି ସ୍ଥାନୀୟ ପ୍ରଶାସନ/ ଜିଲ୍ଲା ପ୍ରଶାସନକୁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବେ। ଏ ସମ୍ପର୍କିତ ନିର୍ଦ୍ଧାରିତ ଚିଠି ଜିଲ୍ଲା ପ୍ରଶାସନ/ ଜିଲ୍ଲାପାଳ/ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ/ ଡିସିପି/ ଏସିପି/ ଥାନା ଆଇଆଇସିଙ୍କୁ ଜିଲ୍ଲା ସଂଯୋଜକ ପ୍ରଦାନ କରିବେ।
- ଗଣମାଧ୍ୟମ ପ୍ରତିନିଧି, ଅତିଥି ଓ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରିବା ପାଇଁ ସଂଯୋଜକମାନେ ନିର୍ଦ୍ଧାରିତ ଚିଠି ସେମାନଙ୍କୁ ପ୍ରଦାନ କରିବେ।
- ସମସ୍ତଙ୍କୁ ବ୍ୟାନର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ।

***To know the miracles of Art of Giving, visit:***
fb.com/AchyutaSamanta | fb.com/artofgiving.in.net